# ଏସ୍ ପି ରାମେନ୍ଦ୍ର ପ୍ରସାଦ ସହରରେ କ୍ରାଇମ୍ ଅନୁଧାନ କରିବା ପାଇଁ ବାଇକ୍ ଧରି ବୁଲିଲେ



**ଫୁଲବାଣୀ (ଅମୃତ ମିଡିଆ) :** ଫୁଲବାଣୀ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅଧିକ ହେଉଥିବା ହେତୁ ,ଫୁଲବାଣୀ ସହରରେ ବାଇକ୍ ଚୋରୀ,ମୋବାଇଲ୍ ଚୋରୀ , ନିଷାଡି ମାନେ ଗଞ୍ଜେଇ ଚୋରସ୍ ଡ୍ରଗ୍ସ ଖାଇ ସହର ର ବିଭିନ୍ନ ସ୍ଥାନରେ ଦୌରାତ୍ମ୍ୟ ବଢ଼ାଇବା ସହ ଫୁଲବାଣୀ ସହରରେ ହେଉଥିବା ଗଞ୍ଜେଇ ବ୍ରାଉନ ସୁଗାର ବ୍ୟବସାୟ କୁ ଅନୁଧାନ କରିବା ଜନ ସାଧାରଣ ଙ୍କ ମଧ୍ୟରେ ସୁ ସମ୍ପର୍କ ବୃଦ୍ଧି କରିବା ନିମନ୍ତେ ଅଭିନବ ଉପାୟରେ ଶୁକ୍ରବାର ଦିନ ସନ୍ଧ୍ୟାରେ କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ବାଇକ ଯୋଗେ ନିଜ ପୁଲିସ୍ ଟିମ୍ ସହ ସହରର ବିଭିନ୍ନ ଅଞ୍ଚଳ ପରି ପରିଦର୍ଶନ କରିଥିଲେ। ଫୁଲବାଣୀ ସହର ମଧ୍ୟରେ ଅସାମାଜିକ ବ୍ୟକ୍ତି ମାନଙ୍କର ଆଡା ସ୍ଥଳି ଏସ ପି ରାମେନ୍ଦ୍ର ପ୍ରସାଦ ପୁଲିସ ଅଧିକାରୀ ଏସ୍ ଡି ପି ଓ ସହ ପୁଲିସ ଟିମ୍ ହାଇସ୍କୁଲ ପଡ଼ିଆ, କେନ୍ଦୁପଦର ଓ ଫୁଲବାଣୀ ବସଷ୍ଟାଣ୍ଡ୍ ,ସଗଡିଆ ସାହି, ପେଞ୍ଜିସାହି, ଏଫ୍ ସି ଆଇ ଛକ ,କେନ୍ଦ୍ରୀୟ ବିଦ୍ୟାଳୟ , ଜିରିଙ୍ଗିପଡ଼ା ନୂଆ ସାହି ରାସ୍ତା ଦେଇ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଗସ୍ତ କରିଥିଲେ। ଗସ୍ତ ସମୟରେ ଅନ୍ଧାରୁଆ ସ୍ଥାନରେ ବସି ମଦ୍ୟପାନ କରୁଥିବା ୭ ଜଣଙ୍କୁ ପୁଲିସ ଅଟକ ରଖିଥିଲା । ସହର ରେ ଅସାମାଜିକ ବ୍ୟକ୍ତି ର ଦୌରାତ୍ମ୍ୟ ରାହାଜାନୀ ରୋକିବା ପାଇଁ ଏସପି ଦାୟିତ୍ୱ ଗ୍ରହଣ କରିବା ଠାରୁ ଆକ୍ସନ୍ ମୁଡ ରେ ଅଛନ୍ତି। ଏସ ପି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସମସ୍ୟା ସମ୍ପର୍କରେ ମତାମତ ଶୁଣିଥିଲେ। ଏସପି ରମେନ୍ଦ୍ର ପ୍ରସାଦ ଆଇନ-ଶୃଙ୍ଖଳା ସୁଦୃଢ଼ କରିବା ସହ ପୁଲିସ ଓ ସାଧାରଣ ଲୋକଙ୍କ ନିକଟତର ହେବା ଓ ଲୋକ ଙ୍କ ମଧ୍ୟରେ ଭଲ ସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ ଦେଉଛନ୍ତି। ଏସ ପି ଙ୍କର ଏହି ଅଭିନବ ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି । ସହର ରେ ଅସାମାଜିକ ବ୍ୟକ୍ତି ମାନେ ଘଟାଉ ଥିବା କାର୍ଯ୍ୟକଳାପ ରୋକିବାରେ ଏହା ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲ ରେ ପ୍ରକାଶ ପାଇଛି। ଏସପିଙ୍କ ଗସ୍ତ ସମୟରେ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ଟାଉନ ଥାନା ଏସଆଇ ମନୋରଞ୍ଜନ ଭୋଇ ଓ ଅନ୍ୟ ପୋଲିସ ଅଧିକାରୀ ମାନେ ଯୋଗ ଦେଇ ଥିଲେ।

## ଆଇଓସିଏଲ ତୈଳବିଶୋଧନାଗାର ପକ୍ଷରୁ

# ବିପତ୍ତିକାଳୀନ ଅଭ୍ୟାସକୌଶଳ




ପାରାଦୀପ (ଅମୃତ ମିଡିଆ) : ଆଇଓସିଏଲ ପାରଦୀପ ତୈଳ ବିଶୋଧନାଗାର ପକ୍ଷରୁ ଏକ ୨ ସ୍ତରୀୟ ଅଭ୍ୟାସ କୌଶଳ ଜୁନ ୧୨ ତାରିଖ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏଥିରେ ତୈଳ ବିଶୋଧନାଗାରର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ପରୀକ୍ଷା କରାଯାଇଥିଲା । ପାରାଦୀପ ରିଫାଇନେରୀ ଅନୁରମାଦତି ଏମର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ (ଇଆରଡିଏମପି) ସମୀକ୍ଷକଙ୍କ ଉପସ୍ଥିତି ରେ ଏହି ଅଭ୍ୟାସ କୌଶଳ ବା ମକ ଡ୍ରିଲ ଆୟୋଜିତ ହୋଇଥିଲା କଏହି କାର୍ଯ୍ୟକ୍ରମରେ ମ୍ୟୁଚୁଆଲ ଏଡ୍ ସଂସ୍ଥାର ପ୍ରତିନିଧିମାରନ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନେରୀର ପ୍ରଲିପ୍ରପିଲିନ (ପିପି) ୟୁନିଟ ରୁ ପ୍ରପିଲିନ ଲିକେଜ ହୋଇ ଅଗ୍ନିକାଣ୍ଡ ଘଟିଲେ, ତାହାକୁ ସଫଳତାର ସହିତକିପରି ମୁକାବିଲା କରିହେବ ତାହା ଉପରେ ଏହି ମକଡ୍ରିଲ୍ ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପରିଚାଳନା ଯୋଜନାର ବ୍ୟବହାରିକ ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡକି ସଠିକ ଭାବରେ ସମନ୍ୱିତ କରାଯାଇଥିଲା

## *ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

### ତିନିରଥର...

ପାଇଁ ନରାଜ କଣ୍ଟା, ପୋଟଳ ନଡ଼ା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ପାଇଁ ତିନି ରଥର ଠାକୁରଙ୍କ ବେଶ ପାଇଁ ବେଶ୍ ଘୋଡ଼ିଆ,ଚାଙ୍ଗଡ଼ା ଷ୍ଟାଣ୍ଡ, ବାସୁଙ୍ଗା ପାଟ ଦଉଡ଼ି ବୋଳିବା ପାଇଁ ବାଉଁଶ କାଠି ଏବଂ ରଥକୁ ଉଠି ନିର୍ମାଣ କାର୍ଯ୍ୟ ପାଇଁ ବାଉଁଶ ସିଡି ନିର୍ମାଣ କରୁଛନ୍ତି। ଆଜି ଚିତ୍ରକାର ସେବକ ମାନେ ତିନିରଥର ପାର୍ଶ୍ୱ ଦେବ ଦେବୀ, ସଖୀ, ଓଲଟ ଶୁଆ, ଏବଂ ଶିଖର ଡମ୍ବରୁ ଇତ୍ୟାଦି ସଫା କାର୍ଯ୍ୟ ଶେଷ କରି ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନିରଥ ର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୫ଜଣ, ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ , କରତୀ ସେବକ ୪ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ , ରଥଖଳା ସହାୟକ ୧ଜଣ ମୋଟ ୨୦୩ ଜଣ ରଥ ନିର୍ମାଣକାରୀ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

### ଶିକ୍ଷ ...

ନାହିଁ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଯେମିତି ଏଭଳି ଅଭାବନୀୟ ଘଟଣା ନ ଘଟେ ଅନୁଷ୍ଠାନ କର୍ତ୍ତୃପକ୍ଷ ଧ୍ୟାନ ଦେବା ପାଇଁ ଅଞ୍ଚଳବାସୀ କହିଛନ୍ତି।

### ଲିଖିତ...

ସମାଧାନ ସମ୍ଭବ ହେବ । ଚୁକ୍ତିର ଅବଧି ଶେଷ ପରେ ଭଡ଼ାଟିଆ ଘର ଖାଲି ନକଲେ ତାଙ୍କ ଉପରେ ବର୍ଦ୍ଧିତ ଭଡ଼ା ଲାଗୁ ହେବ। ଏହା ଦ୍ୱାରା ଘରମାଲିକଙ୍କୁ ଘର ଫେରସ୍ତ ପାଇବା ସହଜ ହେବ ।ଘର ମାଲିକ କିମ୍ବା ଭଡ଼ାଟିଆଙ୍କ ମୃତ୍ୟୁ ହେଲେ ତାଙ୍କ ଉତ୍ତରାଧିକାରୀମାନେ ଚୁକ୍ତିର ଅବଶିଷ୍ଟ ସମୟ ପାଇଁ ସମାନ ଅଧିକାର ଓ ଦାୟିତ୍ୱ ପାଇବେ।

### ଲାଞ୍ଚ ନେବା ...

ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୧୦ ହଜାର ଟଙ୍କା ଦେବା ପାଇଁ ସେ ସମର୍ଥ ନୁହନ୍ତି ବୋଲି ଅଭିଯୋଗକାରୀ ଏଏସ୍ଆଇ ସୀତା ନାୟକଙ୍କୁ କହିଥିଲେ। ଏହା ପରେ ଏଏସ୍ଆଇ ତାଙ୍କୁ ୮ ହଜାର ଟଙ୍କା ଦେବାକୁ କହିଥିଲେ। ଲାଞ୍ଚ ଦେବାକୁ ଅମଙ୍ଗ ହୋଇ ଅଭିଯୋଗକାରୀ ଘଟଣା ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ।

### ମହିଳା...

କ୍ୱାର୍ଟରକୁ ଯାଇ କବାଟ ବାଡେଇଥିଲେ। କବାଟ ନ ଖୋଲିବାରୁ ସେମାନେ ଏମସିଏଲ ସିକ୍ୟୁରିଟି ଇନଚାର୍ଜଙ୍କୁ ଜଣାଇଥିଲେ। ପରେ ସିକ୍ୟୁରିଟି କର୍ମଚାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଝରକା ମଧ୍ୟରେ ଦେଖିବା ବେଳକୁ ଆୟୁସ୍ମିତା ଏକ ଦଉଡିରେ ଝୁଲୁଥିବା ଦେଖିବାକୁ ମିଳିଥିଲା।

# ଦନ୍ତାହାତୀଙ୍କ ଲଢ଼େଇ ମୃତ୍ୟୁର କାରଣ ବୋଲି ଅନୁମାନ



**ବାରିପଦା (ଅମୃତ ମିଡିଆ) :** କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ବନାଞ୍ଚଳର ପୁରୁଣା ଦେଓଗାଁ ସଂରକ୍ଷିତ ଜଙ୍ଗଲରେ ମୃତ ଅବସ୍ଥାରେ ଠାବ ହୋଇଥିବା ହାତୀ ଶାବକର ବ୍ୟବଚ୍ଛେଦ କାର୍ଯ୍ୟ ଗୁରୁବାର ସମ୍ପନ୍ନ ହୋଇଛି। ବ୍ୟବଚ୍ଛେଦ ପରେ ଶାବକର ଶେଷକୃତ୍ୟ ମଧ ସେହି ଜଙ୍ଗଲ ମଧ୍ୟରେ ବନବିଭାଗ ପକ୍ଷରୁ କରାଯାଇଥିବା ସୂଚନା ମିଳିଛି। କରଞ୍ଜିଆ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ପ୍ରାଣୀ ଚିକିତ୍ସକ ଡା. ପ୍ରଦୀପ କୁମାର ସାହୁ, ଡା. କଲ୍ୟାଣୀ ମାରାଣ୍ଡି ଏବଂ ଯଶିପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଡା. ସୌରଭ ରଞ୍ଜନ ହୋତା ଘଟଣାସ୍ଥଳରେ ପହଞ୍ଚି ହାତୀ ଶାବକର ବ୍ୟବଚ୍ଛେଦ କରିଥିଲେ।ଏହି ସମୟରେ ସରକାରୀ ସାକ୍ଷୀ ଭାବେ ବାଟପଳସା ରାଜସ୍ୱ ନିରୀକ୍ଷକ ବ୍ରହ୍ମଜିତ ରାଉତ, ତହସିଲ ଅମିନ ରାମହରି ଟୁଡୁ, ପୁରୁଣା ଦେଓଗାଁ ୱାର୍ଡ ସଭ୍ୟଙ୍କ ସହ ଦୁଧିଆଣୀ ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ, ସହକାରୀ ବନ ସଂରକ୍ଷକ ପ୍ରଭାତ କୁଅଁର, କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ ଓ ଦରି ବନପାଳ ଲକ୍ଷ୍ମୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପାରିପାର୍ଶ୍ୱିକ ସ୍ଥିତି ଏବଂ ପ୍ରାଥମିକ ତଦନ୍ତରୁ ହାତୀ ଶାବକଟି ଦଳର ଦୁଇ ଦନ୍ତା ହାତୀଙ୍କ ମଧ୍ୟରେ ହୋଇଥିବା ଲଢ଼େଇର ଶିକାର ହୋଇଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ଶାବକର ଭିସେରା ଓ କ୍ଷତସ୍ଥାନରୁ ସଂଗୃହୀତ ମାଂସ ନମୁନାକୁ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିବା ଡା. ସାହୁ ସୂଚନା ଦେଇଛନ୍ତି।ଏହି ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ମନ୍ଦିରରୁ ଚୋରୀ ୨ ଗିରଫ,ଚୋରୀ ହୋଇଥିବା ଜିନିଷ ଉଦ୍ଧାର



**ବାଲିଚନ୍ଦ୍ରପୁର (ଅମୃତ ମିଡିଅଶ) :** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ସ୍ଥିତ ଜଗନ୍ନାଥ ମନ୍ଦିର ଓ ଶନି ମନ୍ଦିର ରୁ ଚୋରି କରିଥିବା ଅଭିଯୋଗ ରେ ପୋଲିସ ୨ ଜଣ ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟ ରୁ ଚୋରି ଯାଇଥିବା ଜିନିଷ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ଗତ ୧୦ ତାରିଖ ରାତି ରେ ଅଣକା ଗ୍ରାମ ରେ ଥିବା ଜଗନ୍ନାଥ ମନ୍ଦିର ଓ ଶନି ମନ୍ଦିର ରୁ ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୧୧ ତାରିଖ ରେ ରବୀନ୍ଦ୍ର ନାଥ ନାୟକ ଥାନା ରେ ଅଭିଯୋଗ କରିଥିଲେ।ବାଲିଚନ୍ଦ୍ରପୁର ପୋଲିସ ୨୨୭/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟ ରେ ଜଣା ପଡିଲା ବିହାର ରାଜ୍ୟ ର ବେଗୁ ସୁରାଇ ଜିଲା ର ସୋହେବ ପୁର କମଲ ଥାନା ଅନ୍ତର୍ଗତ ସନହା ଗ୍ରାମର ସୁବୋଧ କୁମାର ଦାସ ଓରଫ ବିହାରୀ ଗତ କିଛି ଦିନ ହେବ ମନ୍ଦିର ନିକଟ ରେ ସୋଉଥିଲା। ସେ ଚୋରି ପରେ ଫେରାର ହୋଇ ଯାଇଥିଲା। ପୋଲିସ ତାର ମୋବାଇଲ ଟ୍ରାକ କରି ପ୍ରଥମେ ଧରିବା ପରେ ସେ ଚୋରୀ କରି ଥିବା ସ୍ୱୀକାର କରିଥିଲା। ଚୋରି ଜିନିଷ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଉଜଙ୍ଗ ଗ୍ରାମର ଅସରଫ ଖାଁ ଙ୍କ ପୁଅ କୁମାର ଅନିଲ ଖାଁ ଙ୍କୁ ବିକ୍ରୀ କରିଥିଲା। ପୋଲିସ ବାଉଜଙ୍ଗ ଗ୍ରାମରେ ଚଢାଉ କରି ଅନିଲ ଖାଁ ଙ୍କୁ ଗିରଫ କରିବା ସହ ତା ନିକଟ ରୁ ପିତଳ ବଡ ଦୀପ, ଦୁଇଟି ପିତଳ ଘଣ୍ଟ, ଦୁଇଟି ପିତଳ ଘଣ୍ଟି, ପିତଳ ଆଳତି ଷ୍ଟାଣ୍ଡ ଦୁଇଟି, ଦୁଇଟି ପିତଳ ଗଡୁ, ଗୋଟିଏ ପିତଳ ଥାଳି ଓ ଛୋଟ ଦୀପ କୁ ଉଦ୍ଧାର କରିଛି। ଉଭୟ ଙ୍କୁ ଗିରଫ କରି ଶନିବାର ପୋଲିସ କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ବୃକ୍ଷରୋପଣ



**ପାରାଦୀପ (ଅମୃ ମିଡିଆ) :** ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପ ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ପ୍ଲାଣ୍ଟ ପ୍ରକଳ୍ପ ସ୍ଥାନରେ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳନ ଅବସରରେ ଗ୍ଲୋବାଲ୍ ଥିମ୍ "ପ୍ରକୃତିରୁ ପ୍ରେରିତ, ଜଳବାୟୁ ପାଇଁ, ଭବିଷ୍ୟତ ପାଇଁ" ଅନୁସରଣ କରି ଆୟୋଜିତ ହୋଇଯାଇଛି । ଏଥିରେ ସିନିଅର ମ୍ୟାନେଜମେଣ୍ଟ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଓ ସ୍ଥାନୀୟ ହିତାଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପଦକ୍ଷେପ ଓ ଜାତୀୟ ଅଭିଯାନ "ଏକ ପେଡ୍ ମାଆ କେ ନାମ" ଅଧୀନରେ ବୃହତ ପରିମାଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅଂଶଗ୍ରହଣକାରୀମାନେ ପ୍ରକଳ୍ପ ଅଞ୍ଚଳରେ ଗଛ ଲଗାଇ ପରିବେଶ ସୁରକ୍ଷା ଓ ସ୍ଥାୟୀ ଉନ୍ନତି ପ୍ରତି ନିଜର ପ୍ରତିବଦ୍ଧତାକୁ ଦର୍ଶାଇଥିଲେ ।ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପର ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସେ ତାଙ୍କର ଅଭିଭାଷଣରେ ପ୍ରତ୍ୟେକ ନାଗରିକଙ୍କ ପରିବେଶ ସୁରକ୍ଷା ପ୍ରତି ସାମୁହିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ରଚନା ଲିଖନ, ପୋଷ୍ଟର ତିଆରି ଓ ଗୋଷ୍ଠୀ ଆଲୋଚନା ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମୂଖ୍ୟ ଅତିଥି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ ଏବଂ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରସାରଣରେ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ସବୁଜ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବା ପାଇଁ କର୍ମଚାରୀମାନଙ୍କୁ ଇଣ୍ଡୋର ପ୍ଲାଣ୍ଟ ବଣ୍ଟନ କରାଯାଇଥିଲା, ଯାହା ଏକ ସବୁଜ ଓ ସ୍ୱାସ୍ଥ୍ୟକର କାର୍ଯ୍ୟସ୍ଥଳ ସୃଷ୍ଟିକୁ ଉତ୍ସାହିତ କରିବ।

# କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ପକ୍ଷରୁ ରଜ ଉତ୍ସବ



**ମାହାଙ୍ଗା (ଅମୃତ ମିଡ଼ିଆ) :** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକାନ୍ ପଞ୍ଚାୟତର କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ପକ୍ଷରୁ ଭଞ୍ଜ ଜୟନ୍ତୀ, ରଜ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।କଟକ କଳାବିକାଶ କେନ୍ଦ୍ର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍ଘାଟକ ଦୈନିକ ସମାଜ ର ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ,ମୁଖ୍ୟ ଅତିଥି ,କୁଳପତି ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ,ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି,ମୁଖ୍ୟ ବକ୍ତା ଭଞ୍ଜ ଗବେଷକ ଅନୁପ ମାର୍ଥା, ବରେନ୍ୟ ଅତିଥି ସେକ ମସୁଦ ଅଲ୍ଲୀ,ସମ୍ପାଦକ ଆଗାମୀ ଶତାବ୍ଦୀ, ପ୍ରମୁଖ ମଞ୍ଚ ସିନ ଥିଲେ। ଆଇନଜୀବୀ ମାହାଙ୍ଗା ବ୍ଲକ କଂଗ୍ରେସ ସଭାପତି ଦୀପକ କୁମାର୍ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ନଳିନୀ କାନ୍ତ ନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ ।ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଙ୍କୁ ମାହାଙ୍ଗା ଗୌରବ ସମ୍ମାନ ଓ କାମ ରାଜୁ ସାହାଣୀ ଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିଲା। ସୁକାନ୍ତ ନନ୍ଦ ଓ ସଂଗ୍ରାମ ସାମଲ ମାନପତ୍ର ପାଠ କରିଥିଲେ । ସୌକତ ଅଲ୍ଲୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।ମାଟ୍ରିକ ପରୀକ୍ଷାରେ ଟପ୍ପର ଛାତ୍ର ଛାତ୍ରୀ ମାନଙ୍କୁ ମାହାଙ୍ଗା ମେଧା ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପରିବେଷଣ କରାଯାଇଥିଲା। ସଭାପତି ଅରକ୍ଷିତ ପ୍ରଧାନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ବାରିକ୍, ମାନସ ରଞ୍ଜନ ଦାସ, ସୁଶିଲ କୁମାର ପଣ୍ଡା, କବି ପ୍ରଫୁଲ୍ଲ ସିଂ, ନିତ୍ୟାନନ୍ଦ ମହାନ୍ତି, ରବି ନାୟକ, କୈବଲ୍ୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଶୁକ୍ରୁଳି ବ୍ଲକ୍ ପରିଦର୍ଶନ ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କଲେ ଓଡିଶା ବାସି

**ବାରିପଦା (ଅମୃତ ମିଡିଆ) :** ନିର୍ବାଚନୀ ପ୍ରକ୍ରିୟାରେ ଦାୟିତ୍ୱବୋଧ ଓ ନିଷ୍ଠାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି ପାଞ୍ଚପିଢ଼ ଉପଜିଲ୍ଲାପାଳ ଡ଼ଃ ଦୟସିନ୍ଧୁ ପରିଡ଼ା । ଶୁକ୍ରୁଳି ବ୍ଲକ୍ ପରିଦର୍ଶନ ସମୟରେ ସେ ନିଜେ ଇଲେକ୍ଟୋରାଲ୍ ଫର୍ମ ପୂରଣ କରୁଥିବା ଏକ ଭିଡିଓ ସାମ୍ନାକୁ ଆସିଥିଲା ।ଏହି ଭିଡିଓକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜର ଇନଷ୍ଟାଗ୍ରାମ ସମେତ ବିଭିନ୍ନ ସୋସିଆଲ୍ ମିଡିଆ ମାଧ୍ୟମରେ ଶେୟାର କରି ପ୍ରଶଂସା କରିଛନ୍ତି। ନିର୍ବାଚନୀ କାର୍ଯ୍ୟ ପ୍ରତି ତାଙ୍କର ଆନ୍ତରିକତା, ସକ୍ରିୟ ଅଂଶଗ୍ରହଣ ଓ କର୍ତ୍ତବ୍ୟନିଷ୍ଠାକୁ ସିଇଓ ଓଡ଼ିଶା ପ୍ରଶଂସା କରିଥିବାର ଜଣାପଡ଼ିଛି ।ଏହି ଘଟଣା ନିର୍ବାଚନ



# ୱାର୍କ ଚାର୍ଜଡ୍‌ଙ୍କୁ ପେନ୍‌ସନ୍ ସହ ଅବସରକାଳୀନ ସମସ୍ତ ପ୍ରାପ୍ୟ ଦିଅ

**କଟକ (ବ୍ୟୁରୋ) :** ଡିଏଲ୍ଆର୍ କର୍ମଚାରୀରୁ ୱାର୍କ ଚାର୍ଜଡ୍ ରେଗୁଲାର କର୍ମଚାରୀ ମାନ୍ୟତା ପାଇଥିବା ସତ୍ତ୍ୱେ ପେନ୍‌ସନ୍ ମିଳୁନଥିଲା । ଏହି ୱାର୍କ ଚାର୍ଜଡ୍ କର୍ମଚାରୀମାନଙ୍କୁ ୩ ମାସ ମଧ୍ୟରେ ପେନ୍‌ସନ୍ ସହ ଅବସରକାଳୀନ ସମସ୍ତ ପ୍ରାପ୍ୟ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମହମ୍ମଦ ଜମିଲୁର୍ ରେହମାନ୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ହାଇକୋର୍ଟଙ୍କ ଆଦେଶ ଫଳରେ ପ୍ରାୟ ୫୦ ହଜାର ୱାର୍କ ଚାର୍ଜଡ୍ କର୍ମଚାରୀ ଉପକୃତ ହେବେ ।ଆବେଦନକାରୀମାନେ ୧୯୮୩ ମସିହାରେ ଡିଏଲ୍ଆର୍ ନିଯୁକ୍ତି ପାଇଥିଲେ । ପରେ ସେମାନଙ୍କୁ ୱାର୍କ ଚାର୍ଜଡ୍ ବର୍ଗକୁ ଅଣାଯାଇଥିଲା । ୨୦୧୮ପରଠାରୁ ନିୟମିତ କରାଯାଇଥିଲା । କିନ୍ତୁ ଅବସର ପରେ ସେମାନଙ୍କୁ ପେନ୍ସନ୍ ଦିଆଯାଇନଥିଲା । ଏନେଇ ମାମଲା ଟ୍ରିବ୍ୟୁନାଲରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା । ସବୁଠି ରାଜ୍ୟ ସରକାର ହାରିଥିଲେ । କେବଳ ନିରଞ୍ଜନ କର ନାମକ ଜଣେ କର୍ମଚାରୀଙ୍କୁ ପେନ୍ସନ୍ ମିଳିଥିଲାବେଳେ ଆବେଦନକାରୀଙ୍କୁ ରାଜ୍ୟ ସରକାର ପେନ୍ସନ୍ ଦେଇନଥିଲେ । ଆବେଦନକାରୀମାନଙ୍କ ଆବଶ୍ୟକ ଚାକିରି ଯୋଗ୍ୟତା ନଥିବାରୁ ରାଜ୍ୟ ସରକାର ୨୦୨୫ ମେ' ୨୧ରେ ପେନ୍ସନ୍ ଦେବାକୁ ମନା କରିଦେଇଥିଲେ । ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଓସିଏସ୍ ପେନ୍ସନ୍ ନିୟମ-୧୯୯୨ରେ ହୋଇଥିବା ସଂଶୋଧନ ଅନୁଯାୟୀ, ଯେଉଁମାନଙ୍କ ଚାକିରି ୨୦୦୫ ଜାନୁଆରୀ ୧ ପରେ ନିୟମିତ ହୋଇଛି, ସେମାନେ ପୁରୁଣା ପେନ୍ସନ୍ ପାଇବାକୁ ଯୋଗ୍ୟ ନୁହନ୍ତି ଏବଂ ସେମାନେ କେବଳ ନୂତନ ପେନ୍ସନ୍ ଯୋଜନା (ଏନ୍ପିଏସ୍) ଅଧୀନରେ ଆସିବେ । ଫଳରେ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ କହିଛନ୍ତି ଯେ, ନିରଞ୍ଜନ କରଙ୍କୁ ପେନ୍ସନ୍ ଦିଆଯାଇଥିଲାବେଳେ ଆବେଦନକାରୀଙ୍କୁ ପେନ୍ସନ୍ ନଦେବା ଗ୍ରହଣୀୟ ନୁହେଁ । ଆବେଦନକାରୀ ଅବସର ପର୍ଯ୍ୟନ୍ତ ବିଭିନ୍ନ ପଦରେ ନିରବିଚ୍ଛିନ୍ନ କାର୍ଯ୍ୟ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ଡ୍ରାଇଭର ମହାସଂଘର ବିକ୍ଷୋଭ କଲ୍ୟାଣ ବୋର୍ଡରେ ସମସ୍ତ ଡ୍ରାଇଭରଙ୍କୁ ସାମିଲ ପାଇଁ ଦାବୀ



ବାରିପଦା (ଅମୃତ ମିଡିଆ) : ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନ କ୍ରମେ ବାରିପଦା ଡ୍ରାଇଭର ମହାସଂଘ ପକ୍ଷରୁ କର୍ମଜୀବୀ ଡ୍ରାଇଭର ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ପୂରଣ ନେଇ ଜିଲ୍ଲାପାଳ ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମହାସଂଘର କର୍ମକର୍ତ୍ତା ମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲାପାଳ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବ ସରକାରଙ୍କ ଦ୍ୱାରା ହେଭି ଭେହିକିଲ ଚାଳକ ମାନଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରାଯାଇଛି । ମାତ୍ର ଏହି ସୁବିଧା ଏଲ.ଏମ.ଭି. ଲାଇସେନ୍ସ ଧାରୀ, ଅଟୋ ଚାଳକ ଏବଂ ବେସରକାରୀ ଗାଡ଼ି ଚାଳକମାନଙ୍କୁ ମିଳୁନାହିଁ, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସେହିପରି ବାରିପଦା ଡ୍ରାଇଭର ମହାସଂଘ କହିଛି ଯେ, ଯଦି ସରକାର ସମସ୍ତଙ୍କ ପାଇଁ ଡ୍ରାଇଭିଂ ଲାଇସେନ୍ସ ସମାନ କରିଛନ୍ତି, ତେବେ କଲ୍ୟାଣ ବୋର୍ଡରେ ଅଟୋ ଚାଳକ ଓ ଅନ୍ୟ ଗାଡ଼ି ଚାଳକମାନଙ୍କୁ କାହିଁକି ବାଦ ଦିଆଯାଉଛି ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ଡ୍ରାଇଭର ମାନଙ୍କୁ କେବଳ ଶ୍ରମିକ ଶ୍ରେଣୀଭୁକ୍ତ ନକରି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି କରାଯାଇଛି । ଯଦି ଆଗାମୀ ଦିନରେ ପ୍ରଶାସନ ତଥା ସରକାର ଏହି ସମସ୍ୟାର ସମାଧାନ ନକରନ୍ତି, ତେବେ ସମଗ୍ର ଓଡ଼ିଶାରେ ଅଟୋ ଚାଳକ ଓ ଅନ୍ୟାନ୍ୟ ଡ୍ରାଇଭର ମାନେ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଆନ୍ଦୋଳନ କରିବେ ବୋଲି ମହାସଂଘ ପକ୍ଷରୁ ଜିଲ୍ଲା ସଭାପତି ବିଜୟ ଦାସ, ବାରିପଦା ଡ୍ରାଇଭର ମହାସଂଘର ସଭାପତି ବିନୋଦ ଲୋହାର ପ୍ରମୁଖ କହିଛନ୍ତି ।